# ଶ୍ରୀ ଶ୍ରୀ ଦିଗମ୍ବର ପରମହଂସଦେବ

ଏପରି ଏକ ସମୟରେ ସମ୍ଭବତଃ ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜନ୍ମଲାଭ କଲେ ଯୋଗଜନ୍ମା ଅବଧୂତ ସ୍ୱାମୀ ତୋତାପୁରୀ ଶ୍ରୀ ଦିଗମ୍ବର ପରମହଂସ ଦେବ । ଏହା ୧୬୩୦ ଖ୍ରୀଷ୍ଟାବ୍ଦ ବା ତା'ର ପରବର୍ତ୍ତୀ ହୋଇପାରେ । ଆଜନ୍ମ ବ୍ରହ୍ମଚାରୀ ବାଲ୍ୟକାଳରୁ ଗୃହତ୍ୟାଗୀ ଅଧୁନା ବେଲୁଚିସ୍ଥାନ ଓ ପାକିସ୍ଥାନସ୍ଥିତ ପଂଜାବ ସୀମାନ୍ତର କୌଣସି ଏକ ଅଞ୍ଚଳରେ ଏ ମହାତ୍ମା ଭୂମିଷ୍ଠ ହୋଇଥିବାର ଅନୁମାନ କରାଯାଏ । ଏହା ସେହି ଦିଗମ୍ବର ସ୍ୱାମୀଙ୍କ ଶରୀର ଗଠନ, ଦୀର୍ଘକାୟା ବଳିଷ୍ଠ ଲୋମଶ ଶକ୍ତ ଅବୟବ ଓ ଗ୍ରାମୀଣ ବ୍ୟବହୃତ ମୋଗଲ, ମରହଟ୍ଟା ସମୟର ହିନ୍ଦୀ ଓ ଗୁରୁମୁଖୀ ମିଶ୍ର ଭାଷା ପ୍ରୟୋଗରୁ ହିଁ ପ୍ରତୀତ ହୁଏ । ଏତଦ୍ ବ୍ୟତୀତ ଏ ମହାପୁରୁଷଙ୍କ ଜନ୍ମସ୍ଥାନ, ପିତାମାତା, ଜାତି-ଗୋତ୍ର ଆଦିର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳେନାହିଁ । ହାତୀଭଳି ବଳିଷ୍ଠ ଦେହ ଓ ତ୍ୱଚା, ପ୍ରାୟ ୭ ଫୁଟ ଉଚ୍ଚତା ସମ୍ପନ୍ନ ଦୀର୍ଘ ଲୋମଶ ଗୌର ଅବୟବ, ଆପାଦ ଲମ୍ବିଥିବା ଜଟାଜୁଟଧାରୀ ଅସାଧାରଣ ଯୋଗଜନ୍ମା ଉଲଙ୍ଗ ଅବଧୂତ ସନ୍ନ୍ୟାସୀ ଏକ ତ୍ରିଶତାୟୁ ଜ୍ଞାନମାର୍ଗୀ ଅଦ୍ୱୈତ ବେଦାନ୍ତ ପରମ୍ପରାର ଏକ ଦୀର୍ଘ ସନ୍ନ୍ୟାସ ଜୀବନର ଅନନ୍ୟ ପରିପ୍ରକାଶ ଭାବରେ ଉଭା ହୋଇଥିବାର ଜଣାଯାଏ । ଯାହା ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ, ଅଷ୍ଟାଦଶ ଶତାବ୍ଦୀ ଓ ଉନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ଅର୍ଦ୍ଧାଧିକ କାଳ ଯାଏ ପରିବ୍ୟାପ୍ତ ଥିବା ସେ ବିରଳ ମହାତ୍ମାଙ୍କ ସନ୍ନ୍ୟାସ କାଳରେ ଘଟିଥିବା କେତେକ ସଂଗୃହୀତ ତଥ୍ୟରୁ ପ୍ରତୀତ ହୁଏ । ନିର୍ବିକଳ୍ପ ବ୍ରହ୍ମଜ୍ଞାନ ଓ ଆତ୍ମଜ୍ଞାନ ବେଦ ନିଃସୃତ ଯୋଗ ପରମ୍ପରାର ଉତ୍କର୍ଷ ସମାଧି ସାଧନ ଓ ନିର୍ବିକଳ୍ପ ସମାଧି ଯୋଗର ଦୀର୍ଘ ପ୍ରୟୋଗସିଦ୍ଧ ଏହି ନିର୍ବିକଳ୍ପ ଶକ୍ତିଧର ମହାଯୋଗୀ ଏକ ଅନନ୍ୟ ବିରଳ ଉଦାହରଣ ।



ଅନନ୍ତ ଯୋଗଶକ୍ତି ବଳରେ ଦେଶ ଓ କାଳ ଅତିକ୍ରମୀ ଯିବାର ସମସ୍ତ କ୍ଷମତା ଏହି ବିରଳ ଯୋଗଜନ୍ମା ଅବଧୂତ ସ୍ୱାମୀଙ୍କଠାରେ ପରିପ୍ରକାଶ ଘଟିଥିବା ଜଣାଯାଏ । ହଠଯୋଗ ଓ ଅଷ୍ଟାଙ୍ଗ ଯୋଗରେ ଧୂରୀଣ ଏହି ମହାଯୋଗୀ ସନ୍ନ୍ୟାସ ଜୀବନର ପ୍ରଥମ ଅର୍ଦ୍ଧ ଶତାବ୍ଦୀ ନାଗା ସନ୍ନ୍ୟାସୀ ସମ୍ପ୍ରଦାୟର ମୁଖ୍ୟ ଭାବେ ଲୁଧିଆନାର ଏକ ନାଗାମଠରେ ଅଧକ୍ଷ ଥିବା ଜଣାଯାଏ । ଏହି କଠୋର ହଠଯୋଗୀ ନାଗା-ମଠ ତ୍ୟାଗ କରି ଦୀର୍ଘ ହିମାଳୟ ପାର୍ବତ୍ୟ ଶୃଙ୍ଖଳାର ଚତୁର୍ଦ୍ଦିଗ ପରିବ୍ରାଜନ କରି ଅଖଣ୍ଡ ଭାରତ ଭୂଖଣ୍ଡର ବିଭିନ୍ନ ପାର୍ବତ୍ୟ କ୍ଷେତ୍ର, ଅଗମ୍ୟ ଅରଣ୍ୟ କ୍ଷେତ୍ର, ଯୋଗସିଦ୍ଧ ଗିରିଗୁହା, ନଦନଦୀ ପରିକ୍ରମା ଓ କିଛି ଦଶନ୍ଧି ନେପାଳ, ତରାଇ, କାମରୂପ, ମୈନାକ/ଗିର୍ଣ୍ଣାର ପାର୍ବତ୍ୟ କ୍ଷେତ୍ର ଦାକ୍ଷିଣାତ୍ୟର ପଶ୍ଚିମ ଓ ପୂର୍ବଘାଟ ପାର୍ବତ୍ୟାଞ୍ଚଳ ଓ ମଧ୍ୟ ଭାରତର ବିନ୍ଧ୍ୟାଚଳ ଓ ଅମରକଣ୍ଟକ ଗିରିଗୁହାରେ ତପଶ୍ଚରଣ ଓ ସାଧନାରେ ଯୋଗାରୂଢ ରହି ପ୍ରାୟ ଏକ ଶତାବ୍ଦୀ ବା ତହିଁରୁ କିଛି ଅଧିକ କାଳ ପରିବ୍ରାଜନ ଓ ସମସ୍ତ ପ୍ରକାର ଯୋଗାସନ ସିଦ୍ଧ ଓ ଉଚ୍ଚାଙ୍ଗ ଯୋଗ ସମାଧି, ନିର୍ବିକଳ୍ପ ସମାଧିସିଦ୍ଧ ହୋଇ ପାରିଥିବାର ଜଣାଯାଏ । କେବଳ ଗିରିଗୁହା ପାହାଡ ଜଙ୍ଗଲ କାହିଁକି, ବାଲୁପାହାଡ, ମାଟି ପାହାଡ, କଙ୍କର ପାହାଡ, ଖୋଲାଶୂନ୍ୟ ଆକାଶ ତଳେ ଓ ନଦୀ ବକ୍ଷ ନୌକାବାସରେ ମଧ ବର୍ଷ ବର୍ଷ କଟାଇଥିବାର ଦୃଷ୍ଟାନ୍ତ ରହିଛି । ଖରା, ବର୍ଷା, ଶୀତ, କାକର, ଜଙ୍ଗଲ, ପାହାଡ଼, ଶ୍ୱାପଦ ସଂକୁଳ ଅସ୍ୱାସ୍ଥ୍ୟକର ଜଙ୍ଗଲ ପରିବେଶର ସମସ୍ତ ଦୀର୍ଘ ଅନୁଭବ ଯେମିତି ଲଙ୍ଗୁଳୀ (ଦିଗମ୍ବର) ମୌନୀ, ଆତ୍ମଜ୍ଞାନୀ, ବ୍ରହ୍ମଜ୍ଞାନୀ, ଦୀର୍ଘଜୀବୀ, ଅଦ୍ୱୈତବାଦୀ, ଅବଧୂତ ସ୍ୱାମୀଙ୍କୁ ଏପରି ବଳିଷ୍ଠ ଦୀର୍ଘକାୟ ସମ୍ପନ୍ନ କରି ଦେଶ, କାଳ, ପାତ୍ରକୁ ଅତିକ୍ରମଣର ବିସ୍ତୃତ କ୍ଷମତା ଦେଇଥିଲା । ସନ୍ନ୍ୟାସ ଜୀବନର ଶେଷ କେଇ ଦଶନ୍ଧି (ପ୍ରାୟ ୪୦/୪୫ ବର୍ଷ) ନିରତ ପରିବ୍ରାଜନ ପ୍ରକ୍ରିୟାକୁ ବିରାମ ଦେଇ ଏହି ମହାତ୍ମା ବେଳାଭୂମି ଶ୍ରୀକ୍ଷେତ୍ର-ପୁରୀ ଅଧ୍ୟାତ୍ମ କ୍ଷେତ୍ରରେ ସ୍ୱାପଦ ସଂକୁଳ ନିକାଂଚନ ଅନାବନା ଜଙ୍ଗଲ ପରିବେଷ୍ଟିତ ଶ୍ମଶାନ ଭୂଇଁ 'ଗିର୍ଣ୍ଣାରବନ୍ତ' ବାଲୁପାହାଡର ଏକ କଳ୍ପବୃକ୍ଷ ମୂଳେ ଯୋଗାରୂଢ ରହିବାକୁ ପସନ୍ଦ କରିଥିଲେ ଓ ୧୯୬୧ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୮ ତାରିଖରେ ସମାଧି ଯୋଗରେ ଦେହରକ୍ଷା କରିଯାଇଛନ୍ତି ।

କୌଣସି ନିର୍ଦ୍ଦିଷ୍ଟ ନାମ, ଧାମ ଠିକଣା ନଥିବା ଏହି ଶିବକଳ୍ପ ବ୍ରହ୍ମବିଦ୍ ବରିଷ୍ଠ ଯୋଗେଶ୍ୱର ଶ୍ରୀ ଶ୍ରୀ ଦିଗମ୍ବର ପରମହଂସ ଦେବ କେଉଁଠି ନାଗାବାବା, ନଙ୍ଗାବାବା, କଙ୍କରବାବା, ଲ୍ୟାଙ୍ଗା ବାବା, ଲେଙ୍ଗୁଟା ବାବା, ଲଙ୍ଗୁଳି ବାବା, ତୋତାପୁରୀ ଓ ଦିଗମ୍ବର ବାବା ଭାବରେ ଭାରତର ବିଭିନ୍ନ ସାଧନା କ୍ଷେତ୍ରରେ ଓ ବରିଷ୍ଠ ସନ୍ନ୍ୟାସୀ ସମାଜରେ ପରିଚିତ । ଶ୍ରୀକ୍ଷେତ୍ର ପୁରୀ ଅଞ୍ଚଳରେ ଏହି ଅବଧୂତ ଉଲଙ୍ଗ ସନ୍ନ୍ୟାସୀ ଲଙ୍ଗୁଳି ବାବା

ନାମରେ ଓ ଦିଗମ୍ବର ବାବା ନାମରେ ଖ୍ୟାତ । ଏହି ବାଲୁପାହାଡ ଶ୍ରୀକ୍ଷେତ୍ରସ୍ଥିତ ପୁରୀ ସହରର ଦକ୍ଷିଣ ପଶ୍ଚିମକୁ ଶ୍ରୀ ଲୋକନାଥ ମନ୍ଦିରରୁ ଅନତିଦୂର ପରିତ୍ୟକ୍ତ ବାଲୁପାହାଡ/ଗିର୍ଣ୍ଣାରବନ୍ତ ନାମରେ ଓ ମହାଜ୍ଞାନଯୋଗୀ, ଅଦ୍ୱୈତବ୍ରହ୍ମବାଦୀ, ଅବଧୂତ ସ୍ୱାମୀ, ଦିଗମ୍ବର ବାବାଙ୍କ ଯୋଗପୀଠଟି 'ଅଦ୍ୱୈତ ବ୍ରହ୍ମ ଆଶ୍ରମ' ଭାବରେ ନାମିତ ହୋଇଛି । ବ୍ରହ୍ମବିଦ ବରିଷ୍ଠ ଯୋଗେଶ୍ୱର ଶ୍ରୀ ଶ୍ରୀ ଦିଗମ୍ବର ପରମହଂସ ଦେବଙ୍କ ସମାଧି ମନ୍ଦିର ମଧ ଆଶ୍ରମ ସହ ଯୋଡି ହୋଇ ଅଦ୍ୱୈତ ବ୍ରହ୍ମବାଦର ଜୈତ୍ରବାନା ଉଡାଉଛି ।

ବରିଷ୍ଠ ଯୋଗୀ ସନ୍ନ୍ୟାସୀମାନଙ୍କ ସୂତ୍ରରୁ ଜଣାଯାଏ ଯେ, ଏହି ମହାଯୋଗୀ ମୋଗଲ, ମରହଟ୍ଟା, ନବାବ ଓ ଗୋରା କମ୍ପାନୀ (East India Company) ଓ ବ୍ରିଟିଶ୍ ଇଣ୍ଡିଆ ପ୍ରଶାସନ ସମୟର କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ । ତୃତୀୟ ପାନିପତ ଯୁଦ୍ଧ, ହଳଦୀଘାଟି ଯୁଦ୍ଧ, ପଲାସୀ ଯୁଦ୍ଧ, ସିପାହୀ ବିଦ୍ରୋହ ଆଦି ଏ ମହାତ୍ମା ଦେଖିଥିବାର ଜଣାଯାଏ । ବରିଷ୍ଠ ଯୋଗୀମାନେ ବିଶେଷତଃ କାଶୀପୀଠରୁ ପୁରୀ ଗିର୍ଣ୍ଣାରବନ୍ତ ଅଦ୍ୱୈତବ୍ରହ୍ମ ଆଶ୍ରମକୁ ଶ୍ରୀ ଶ୍ରୀ ଦିଗମ୍ବର ବାବାଙ୍କ ଦର୍ଶନାର୍ଥେ ଆସିଥିବା ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ବିତରାଗ ବାବା ପ୍ରକାଶ କରିଥିଲେ କି, ଏହି ଅବଧୂତ ସ୍ୱାମୀଙ୍କୁ ସେ ତାଙ୍କର କୈଶୋର ବ୍ରହ୍ମଚାରୀ ଅବସ୍ଥାରେ କାଶୀ ଗଙ୍ଗା ତୀରରେ ପ୍ରଥମେ ୯୦/୧୦୦ ବର୍ଷ ତଳେ ଦେଖିବାକୁ ପାଇଥିଲେ ଓ ସେ ସମୟରେ ଏ ମହାତ୍ମା କାଶୀପୀଠ ଅନତି ଦୂର ଗଙ୍ଗାନଦୀ ଜଳରେ ଭାସମାନ ନୌକାରେ ବାସ କରୁଥିଲେ । ତାଙ୍କର ଗୁରୁଙ୍କଠାରୁ ସେ ଜାଣିବାକୁ ପାଇଥିଲେ କି, ଏହି ମହାତ୍ମା ହେଉଛନ୍ତି ତୋତାପୁରୀ ମହାରାଜ ଓ ସେ ସମୟକୁ ଏ ମହାତ୍ମାଙ୍କ ସନ୍ନ୍ୟାସ ଜୀବନ ପ୍ରାୟ ୨୫୦ ବର୍ଷ ହୋଇଥିଲା । ଏହି ହିଁ ସେହି ତୋତାପୁରୀ ମହାରାଜ ଯେ କି ଖ୍ରୀ.୧୮୬୧/୬୨ ମସିହାରେ ବଙ୍ଗଳାର ଦକ୍ଷିଣେଶ୍ୱରଠାରେ ବ୍ରହ୍ମଚାରୀ ଗଦାଧରଙ୍କୁ ବେଦାନ୍ତ ଦୀକ୍ଷା ଓ ନିର୍ବିକଳ୍ପ ସମାଧିଯୋଗ ଶିକ୍ଷା ଦେଇ 'ରାମକୃଷ୍ଣ' ନାମରେ ନାମିତ କରିଥିଲେ । ପରେ ସେହି ରାମକୃଷ୍ଣ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଭାବରେ ପ୍ରତିଷ୍ଠା ଲାଭ କରିଥିଲେ । ତାଙ୍କ ଗୁରୁଙ୍କ ବ୍ୟତୀତ ପରମପୂଜ୍ୟ ଶ୍ରୀ ବିଜୟ କୃଷ୍ଣ ଗୋସ୍ୱାମୀ, ସ୍ୱାମୀ ବ୍ରହ୍ମାନନ୍ଦ, ସ୍ୱାମୀ ମାଧବାନନ୍ଦ ଭାରତୀ, ବେଙ୍ଗଲୀବାବା ଧରମଦାସ, ସ୍ୱାମୀ ବିଶୁଦ୍ଧାନନ୍ଦ, ପରମପୂଜ୍ୟ ତୈଲଙ୍ଗ ସ୍ୱାମୀ, ସତୀଶ ଚନ୍ଦ୍ର ମୁଖାର୍ଜୀ ଓ ପରମପୂଜ୍ୟ ବ୍ରହ୍ମଚାରୀ କୁଳଦାନନ୍ଦ ଚକ୍ରବର୍ତ୍ତୀ ମଧ ତାଙ୍କ ସନ୍ନ୍ୟାସ ଜୀବନରେ ଶ୍ରୀ ଶ୍ରୀ ତୋତାପୁରୀ ମହାରାଜାଙ୍କୁ ଭେଟିଛନ୍ତି ଓ ବେଦାନ୍ତ ଶାସ୍ତ୍ରରେ ଆଲୋଚନା କରିଯାଇଛନ୍ତି । ସେ ସମୟର (ଅଷ୍ଟାଦଶ ଓ ଊନବିଂଶ) ଶତାବ୍ଦୀର ଅନେକ ବରିଷ୍ଠ ସନ୍ନ୍ୟାସୀଙ୍କ ସହ ଏହି ମହାନ ବୟୋଜ୍ୟେଷ୍ଠ ବ୍ରହ୍ମବିଦ୍ ସନ୍ନ୍ୟାସୀଙ୍କ ସାକ୍ଷାତ ଆଲୋଚନା ମଧ ହୋଇଥିବା ସେ (ସ୍ୱାମୀ ବିତରାଗଜୀ) ତାଙ୍କର ଗୁରୁଙ୍କଠାରୁ ଅବଗତ ହୋଇଥିଲେ ।



ଅଦ୍ୱୈତ ବେଦାନ୍ତୀ ସନ୍ନ୍ୟାସୀ ଶ୍ରୀ ହରିହର ବାବା ସ୍ୱାମୀ ବିତରାଗ ବାବାଙ୍କ ଗୁରୁ ଥିବାର ଜଣାଯାଏ । ଅଦ୍ୱୈତ ବ୍ରହ୍ମବାଦୀ ଶ୍ରୀହରିହର ବାବା ତାଙ୍କ ଦେହତ୍ୟାଗର ଅବ୍ୟବହିତ ପୂର୍ବରୁ ୧୯୪୫/୪୬ ମସିହାରେ ପୁରୀ ଆସି ଗୁରୁଦେବ ତୋତାପୁରୀଙ୍କୁ ଭେଟି ଶେଷ ସାକ୍ଷାତ କରି ଯାଇଥିଲେ । ସ୍ୱାମୀ ବିତରାଗ ବାବା ତୋତାପୁରୀ ମହାରାଜାଙ୍କୁ ପୁରୀଠାରେ ଖ୍ରୀ ୧୯୪୯ ସାଲରେ ଭେଟିଥିବା ଜଣାଯାଏ । ଅଦ୍ୱୈତ ବ୍ରହ୍ମବାଦୀ ଏହି ମହାନ୍ ମୌନୀ ଜ୍ଞାନଯୋଗୀ ନିଜକୁ, ନିଜର ଅତୀତ ଓ ପୂର୍ବାଶ୍ରମକୁ ଅପ୍ରକଟ ରଖିବାକୁ ପସନ୍ଦ କରୁଥିବାରୁ ପ୍ରସାର ଓ ପ୍ରଚାର ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ଉଦାସୀନ ରହିଥିବା କାରଣରୁ ତାଙ୍କ ବିଷୟରେ ବହୁଲୋକ ବିଶେଷ କିଛି ଜାଣନ୍ତି ନାହିଁ । ଯାହା ଯେତିକି ଏହି ଲଙ୍ଗୁଳି ସନ୍ନ୍ୟାସୀଙ୍କ ବିଷୟରେ ତଥ୍ୟ ମିଳେ, ଏ ମହାତ୍ମା ହିମାଳୟର କୈଳାଶ-ମାନସରୋବର କ୍ଷେତ୍ର ଗିରିଗୁହାରେ ବେଙ୍ଗଲୀବାବାଙ୍କ ଗୁରୁ(ବାବାଜି ମହାଶୟ)ଙ୍କ ସହ ସାଧନାରତ ଥିଲେ । ତାଙ୍କର ଅନ୍ୟାନ୍ୟ ସାଧନା କ୍ଷେତ୍ର ହେଲା କାଶ୍ମୀର ଉପତ୍ୟକାର ଅମରନାଥ, ଶେଷନାଗ, ସିମଳା ରାଜ୍ୟର ଶିବ୍‌ପୁର, ପଞ୍ଜାବର ଲୁଧିଆନା, ନେପାଳର ବରାହ କ୍ଷେତ୍ର, ଉତ୍ତରାଖଣ୍ଡର ଋଷିକେଶ, ଉତ୍ତର ପ୍ରଦେଶସ୍ଥିତ କାଶୀ, ମିରଟ, ଫୌଜାବାଦ, ବିହାର-ଝାଡ଼ଖଣ୍ଡର ତରାଇ କ୍ଷେତ୍ର, ଗୟା, ଦରଭଙ୍ଗା, ଭାଗଲପୁର, ଛିନ୍ନମସ୍ତା-ଅରଣ୍ୟାଞ୍ଚଳ, ସିକିମ୍, ଦାର୍ଜିଲିଙ୍ଗ୍ ଓ ଆସାମ-କାମରୂପ ଓ ଅଧୁନା ମେଘାଳୟର ପର୍ଶୁରାମ କୁଣ୍ଡ । ଏତଦ୍‌ବ୍ୟତୀତ ଅମରକଣ୍ଟକ, ଗୁଜୁରାଟ ଗିର୍ଣ୍ଣାର-ଗିରିମାଳାର ମୈନାକ, ବିନ୍ଧ୍ୟାଞ୍ଚଳ, ଦାକ୍ଷିଣାତ୍ୟର ପଶ୍ଚିମଘାଟ, ପୂର୍ବଘାଟ, ଶ୍ରୀଶୈଳମ୍ ଆଦି ଗିରିଶୃଙ୍ଖଳା ଓ ନଦୀପଥ ପରିକ୍ରମା କରିଥିଲେ । ଏ ମହାତ୍ମାଙ୍କ ପରିବ୍ରାଜନରେ ବିଶେଷ ରଚି ଥିବାର ଜଣାଯାଏ । ସର୍ବଶେଷରେ ଶ୍ରୀକ୍ଷେତ୍ର ପୁରୀ ହିଁ ତାଙ୍କର ଶେଷ ସାଧନା କ୍ଷେତ୍ର ଥିବାର ପ୍ରମାଣ ମିଳେ । ତାଙ୍କର ଏହି ଦୀର୍ଘ ସନ୍ନ୍ୟାସ ଜୀବନର ଅବଧି ଆନୁମାନିକ ତିନିଶତ ବର୍ଷରୁ ଅଧିକ ପ୍ରତୀୟମାନ ହୁଏ । ଏ ବିରଳ ମହାଯୋଗୀ ଯୋଗ ପରମ୍ପରାର ଭିନ୍ନ ଭିନ୍ନଧାରାରେ ସିଦ୍ଧ ସାଧକ ହେବାପରେ ଅଦ୍ୱୈତ ସାଧନାକୁ ଶ୍ରେଷ୍ଠ ସାଧନାଭାବେ ପ୍ରତିପାଦନ କରିଯାଇଛନ୍ତି ।

ତାଙ୍କର ଅନେକ ଶ୍ରଦ୍ଧାଳୁ ଭକ୍ତ ଭାରତ ଓ ଭାରତ ବାହାରେ ଥିଲେ ମଧ ସେ ମହାତ୍ମା କେବଳ ଯୋଗ୍ୟ ଓ ଉତ୍ସାହୀ ଖୁବ କମ୍ ଶିଷ୍ୟଙ୍କୁ ବେଦାନ୍ତ ଦୀକ୍ଷା ଦିଅନ୍ତି ଓ ଦୀକ୍ଷା ପରେ ଶିଷ୍ୟ ତାଙ୍କୁ ଅନୁଧାବନ କରୁ ଏହା ସେ ଚାହାନ୍ତି ନାହିଁ । ଶିଷ୍ୟର ଗୁରୁଙ୍କ ପରାମର୍ଶର ଆବଶ୍ୟକତା ପଡିଲେ ଯେକୌଣସି ସମୟରେ ଗୁରୁ ସ୍ୱୟଂ ଶିଷ୍ୟ ପାଖରେ ଉପସ୍ଥିତ ହୋଇ ମାର୍ଗ ନିର୍ଦ୍ଦେଶ କରନ୍ତି । ନିଜ ପାଖରେ ଜଣେ ଦୁଇଜଣ ସେବକ ଭକ୍ତଙ୍କୁ ଅନୁମତି ଦେବା ଛଡା ବହୁ ଭକ୍ତ/ଶିଷ୍ୟ ତାଙ୍କର ଚାରିପାଖରେ ଭିଡ ଜମାନ୍ତୁ, ତାହା ଏ ମହାତ୍ମା ଚାହାନ୍ତି ନାହିଁ । ନିକାଞ୍ଚନ, ଶାନ୍ତ ଓ ପ୍ରାକୃତିକ ପରିବେଶ ହିଁ ସେ

ମହାତ୍ମାଙ୍କର ଅତି ପ୍ରିୟ ଓ ପରିବ୍ରାଜନ କାଳରେ ଏ ମହାତ୍ମା କୌଣସି ଗୋଟିଏ ସ୍ଥାନରେ ୨/୩ ଦିନରୁ ଅଧିକ ସମୟ ରହନ୍ତି ନାହିଁ । ସେଥିପାଇଁ ତ୍ରିଶତାୟୁ ତାଙ୍କ ସନ୍ନ୍ୟାସ ଜୀବନରେ ଏହି ଅବଧୂତ ଉଲଙ୍ଗ ମହାଯୋଗୀ ପରମବେଦାନ୍ତି ୧୫୦-୨୦୦ ବର୍ଷ ଯାଏ ଯାଯାବର/ସନ୍ନ୍ୟାସୀ ଭାବରେ ସାରା ଦେଶରେ ପାହାଡ, ପର୍ବତ, ନଦନଦୀ, ବଣ, ଜଙ୍ଗଲ, ଉପତ୍ୟକା ଘୁରି ବୁଲୁଥିଲେ । କୌଣସି ଗୋଟିଏ ସ୍ଥାନରେ ଅଧିକ ଦିନ ରହି ଶିବିର ପକାଇବା ବା ଆଶ୍ରମ ବା ପନ୍ଥ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି । ସୁଦୀର୍ଘ ସନ୍ନ୍ୟାସ ଜୀବନର ଶେଷପାଦରେ ମଧ୍ୟ କୌଣସି ଦୀକ୍ଷିତ ସନ୍ନ୍ୟାସୀଙ୍କୁ ଉତ୍ତରାଧିକାରୀ ଭାବରେ ବେଦାନ୍ତ ଐକେଶ୍ୱର ଅଦ୍ୱୈତ ବେଦାନ୍ତର ପ୍ରଚାର ପ୍ରସାର ପାଇଁ ଛାଡି ଯାଇନାହାନ୍ତି । ଏହି ମହାତ୍ମା ବ୍ରହ୍ମବିଦ୍ ଅଦ୍ୱୈତ ବେଦାନ୍ତି ଶ୍ରୀ ଶ୍ରୀ ଦିଗମ୍ବର ପରମହଂସ ଦେବ ପୁରୀ ଗିର୍ଣ୍ଣାରବନ୍ତର ନିକାଞ୍ଚନ, ଅନାବନା ଜଙ୍ଗଲ ପରିବେଷ୍ଟିତ ବାଲୁ ପାହାଡରେ ଶ୍ରାବଣ ମାସ ଶୁକ୍ଳ ତ୍ରୟୋଦଶୀ ତିଥି ୨୮ ଅଗଷ୍ଟ ୧୯୬୧ ମସିହାରେ ମହାସମାଧି ଯୋଗରେ ଦେହରକ୍ଷା କରି ଯାଇଛନ୍ତି ।

~❖~



# ଅଦ୍ୱୈତ ବିଚାର

ଅଦ୍ୱୈତ ବ୍ରହ୍ମବାଦୀ ଶ୍ରୀମଦ୍ ଦିଗମ୍ବର ପରମହଂସ ଦେବ ୫ ହଜାର ବର୍ଷ ଭାରତୀୟ ମୁନିଋଷି ଯୋଗୀମାନଙ୍କର ଅତିନ୍ଦ୍ରିୟ ଯୋଗ ସାଧନରେ ଅନୁଭୂତିସିଦ୍ଧ, ଉପଲବ୍ଧି, ଶ୍ରୁତି, ବେଦ, ଶ୍ରୀମଦ୍ ଭଗବଦ୍‌ଗୀତା ଓ ଉପନିଷଦର ସାରାଂଶ, ବେଦାନ୍ତ ନିର୍ଯ୍ୟାସ ଉପରେ ଦୃଢନିଷ୍ଠା ଓ ପ୍ରାୟ ୨୫୦ ବର୍ଷରୁ ୩୦୦ ବର୍ଷ ଧରି ଭାରତୀୟ ଯୋଗ ପରମ୍ପରାର ଅନନ୍ୟ ସିଦ୍ଧ ସାଧକ ପରମ ବେଦାନ୍ତୀ ଥିଲେ । ଶ୍ରୀମଦ୍ ଦିଗମ୍ବର ପରମହଂସ ଦେବଙ୍କର ସୁଦୀର୍ଘ ପରିବ୍ରାଜନ , ଯୋଗସାଧନ ଓ ସିଦ୍ଧାନ୍ତର କିଞ୍ଚିତ୍ ଆଭାସ ଓ ଧାରଣା ପାଇବାକୁ ହେଲେ ପ୍ରଥମେ ବେଦାନ୍ତ କ'ଣ ଓ ଅଦ୍ୱୈତ ତତ୍ତ୍ୱ କ'ଣ ସେ ବିଷୟରେ ବିଶେଷ ଧାରଣା ବା ଜ୍ଞାନ ରହିବାର ଆବଶ୍ୟକତା ରହିଛି ।

**ବେଦାନ୍ତ:-** ଋକ୍, ସାମ, ଯଜୁ ଓ ଅଥର୍ବବେଦର ବହୁବିଧ ଅଧ୍ୟୟନ, ତର୍ଜମା, ବ୍ୟାଖ୍ୟା ଆଦି ବେଦଯୁଗ ପରେ ସଂଗଠିତ ହୋଇଥିବାରୁ ଏହାକୁ ବେଦାନ୍ତ ବୋଲି କୁହାଗଲା । କିନ୍ତୁ ଏହା ମଧ୍ୟ ବେଦସମୂହର ଚିର ସ୍ରୋତସ୍ୱିନୀ ମହାନଦୀର ଏକ ବଳିଷ୍ଠ ଓ ସମୃଦ୍ଧଧାରା ବୋଲି ବୁଝିବାକୁ ହେବ । ଅନ୍ୟଥା, ସେହି ବେଦସମୂହରୁ ନିଃସୃତ ଅନ୍ୟାନ୍ୟ ଧାରା ଯେ ବିଲୁପ୍ତ ସେଇଭଳି ଭ୍ରାନ୍ତ ଧାରଣା ମଧ୍ୟ ଉପୁଜିପାରେ । ଘଟଣାଟି ସେପରି ଆଦୌ ନୁହେଁ । ତେବେ ବେଦରୁ ନିଃସୃତ ଅନ୍ୟାନ୍ୟ ଧାରା ଏତେ ବ୍ୟାପକ ଯେ ତାହା ଆଲୋଚନା ପରିସରଭୁକ୍ତ ହେଲେ ସ୍ୱଳ୍ପଜୀବୀ ସାଧାରଣ ମଣିଷ କୌଣସି ଗୋଟିଏ ଧାରାକୁ ମଧ୍ୟ ଚିହ୍ନଟ କରିବାରେ ସମର୍ଥ ହେବ ନାହିଁ । ବେଦାନ୍ତର ମୂଳସ୍ରୋତ ବେଦ ହେଲେ ହେଁ ଏହା ଯୋଗୀ, ମୁନିଋଷି, ସିଦ୍ଧ-ସାଧକମାନଙ୍କ ଆଧ୍ୟାତ୍ମିକ ଓ ଅତିନ୍ଦ୍ରୀୟ ଅନୁଭୂତିରେ ପରିପୁଷ୍ଟ । ଶ୍ରୀମଦ୍ ଭଗବଦ୍‌ଗୀତା ଓ ଉପନିଷଦଗୁଡ଼ିକର ସାର ସିଦ୍ଧାନ୍ତ ମଧ୍ୟ ବେଦାନ୍ତର ନିଷ୍କର୍ଷ ବୋଲି ବୁଝିବାକୁ ହେବ ।